# India-UAE Virtual Summit

February 16, 2022

## ଭାରତ-ୟୁଏଇ ମଧ୍ୟରେ ଭର୍ଚୁଆଲ୍ ଶିଖର ସମ୍ମିଳନୀ

**ଫେବୃଆରୀ 16, 2022**

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ଆବୁଧାବିର କ୍ରାଉନ୍ ପ୍ରିନ୍ସ ତଥା ୟୁଏଇ ସଶସ୍ତ୍ର ବାହିନୀର ଡେପୁଟି ସୁପ୍ରିମ କମାଣ୍ଡର ମହାମହିମ ଶେଖ ମହମ୍ମଦ ବିନ୍ ଜାଏଦ ଅଲ ନାହ୍ୟାନଙ୍କ ମଧ୍ୟରେ 18 ଫେବୃଆରୀ 2022 ରେ ଏକ ଭର୍ଚୁଆଲ୍ ଶିଖର ସମ୍ମିଳନୀ ଅନୁଷ୍ଠିତ ହେବ। ଉଭୟ ନେତା ଦୁଇ ଦେଶ ମଧ୍ୟରେ ଐତିହାସିକ ତଥା ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ବିଷୟରେ ସେମାନଙ୍କର ଦୃଷ୍ଟିକୋଣ ପ୍ରକାଶ କରିବେ ବୋଲି ଆଶା କରାଯାଉଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଚଳିତ ବର୍ଷ ଭାରତ ଏହାର ସ୍ୱାଧୀନତାର 75 ବର୍ଷ ପୂର୍ତ୍ତିକୁ ଆଜାଦୀ କା ଅମୃତ ମହୋତ୍ସବ ଭାବରେ ପାଳନ କରୁଥିବାବେଳେ ୟୁଏଇ ଏହାର ସ୍ଥାପନା ହେବାର 50 ତମ ବାର୍ଷିକୀ ପାଳନ କରୁଛି।

ଦୁଇ ନେତା ଦ୍ୱିପାକ୍ଷିକ ସହଯୋଗ ଉପରେ ଆଲୋଚନା କରିବେ ଏବଂ ପାରସ୍ପରିକ ସ୍ୱାର୍ଥର ଆଞ୍ଚଳିକ ତଥା ଆନ୍ତର୍ଜାତୀୟ ପ୍ରସଙ୍ଗରେ ମତ ବିନିମୟ କରିବେ।

ଗତ କିଛି ବର୍ଷ ମଧ୍ୟରେ ଭାରତ ଏବଂ ୟୁଏଇ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ସମସ୍ତ କ୍ଷେତ୍ରରେ ମଜବୁତ ହୋଇଛି ଏବଂ ଉଭୟ ପକ୍ଷ ଏକ ବ୍ୟାପକ ରଣନୀତିକ ଭାଗିଦାରୀ ଆରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ 2015, 2018 ଏବଂ 2019 ରେ ୟୁଏଇ ଗସ୍ତରେ ଯାଇଥିଲେ ଏବଂ ଆବୁଧାବିର କ୍ରାଉନ୍ ପ୍ରିନ୍ସ 2016 ଓ 2017 ରେ ଭାରତ ଗସ୍ତରେ ଆସିଥିଲେ।  ୟୁଏଇକୁ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ତିନିଟି ଗସ୍ତ ଏବଂ 2021 ରେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀଙ୍କ ଗସ୍ତ ସମେତ ଉଭୟ ପକ୍ଷ ମଧ୍ୟରେ ମନ୍ତ୍ରୀସ୍ତରୀୟ ଗସ୍ତ ମଧ୍ୟ ଜାରି ରହିଛି।

ସ୍ୱାସ୍ଥ୍ୟସେବା ଓ ଖାଦ୍ୟ ନିରାପତ୍ତା କ୍ଷେତ୍ରରେ କୋଭିଡ-19 ମହାମାରୀ ସମୟରେ ଉଭୟ ପକ୍ଷ ଦୃଢ ସହଯୋଗ କରିଛନ୍ତି। ଦ୍ୱିପାକ୍ଷିକ ବାଣିଜ୍ୟ, ପୁଞ୍ଜି ବିନିଯୋଗ ଏବଂ ଶକ୍ତି କ୍ଷେତ୍ରରେ ସମ୍ପର୍କ ଦୃଢ ରହିଛି। ଅକ୍ଷୟ ଶକ୍ତି, ଷ୍ଟାର୍ଟଅପ୍, ଫିନଟେକ୍ ଆଦି ନୂତନ କ୍ଷେତ୍ରରେ ମଧ୍ୟ ଉଭୟ ପକ୍ଷ ସହଯୋଗକୁ ମଜବୁତ କରୁଛନ୍ତି। ଦୁବାଇ ଏକ୍ସପୋ 2020 ରେ ଭାରତ ଏକ ବୃହତ ପ୍ୟାଭିଲିୟନ ସହିତ ଅଂଶଗ୍ରହଣ କରୁଛି।

ଦ୍ୱିପାକ୍ଷିକ ସମ୍ପର୍କର ଏକ ପ୍ରମୁଖ ପଦକ୍ଷେପ ହେଉଛି ବିସ୍ତୃତ ଅର୍ଥନୈତିକ ଭାଗିଦାରୀ ଚୁକ୍ତି (ସିଇପିଏ)। ସେପ୍ଟେମ୍ବର 2021 ରେ ସିଇପିଏ ଉପରେ ଆଲୋଚନା ଆରମ୍ଭ ହୋଇଥିଲା ଏବଂ ସମାପ୍ତ ହୋଇଛି। ଏହି ଚୁକ୍ତିନାମା ଭାରତ-ୟୁଏଇର ଅର୍ଥନୈତିକ ଓ ବ୍ୟବସାୟିକ ଭାଗିଦାରୀକୁ ପରବର୍ତ୍ତୀ ସ୍ତରକୁ ନେଇଯିବ। ୟୁଏଇ ହେଉଛି ଭାରତର ତୃତୀୟ ବୃହତ୍ତମ ବାଣିଜ୍ୟ ସହଭାଗୀ ଏବଂ ଦ୍ୱିପାକ୍ଷିକ ବାଣିଜ୍ୟ ଓ ପୁଞ୍ଜି ବିନିଯୋଗରେ ଉଲ୍ଲେଖନୀୟ ଉନ୍ନତି ଘଟିବ ବୋଲି ଆଶା କରାଯାଉଛି।

ୟୁଏଇରେ ଭାରତୀୟ ସମୁଦାୟର ପ୍ରାୟ 3.5 ମିଲିୟନ ଲୋକ ବସବାସ କରନ୍ତି। ମହାମାରୀ ସମୟରେ ଭାରତୀୟ ସମୁଦାୟର ଲୋକଙ୍କୁ ସହାୟତା କରିଥିବାରୁ ୟୁଏଇର ନେତୃତ୍ୱକୁ ପ୍ରଧାନମନ୍ତ୍ରୀ କୃତଜ୍ଞତା ଜଣାଇଛନ୍ତି। ୟୁଏଇର ନେତୃତ୍ୱ ମଧ୍ୟ ଏହାର ବିକାଶରେ ଭାରତୀୟ ସମୁଦାୟର ଅବଦାନକୁ ପ୍ରଶଂସା କରିଛନ୍ତି। 2020 ରେ ମହାମାରୀ ସମୟରେ ଏୟାର ବବଲ ବ୍ୟବସ୍ଥା ପାଇଁ ଉଭୟ ପକ୍ଷ ସହମତ ହୋଇଥିଲେ ଯାହା କୋଭିଡ-19 ଦ୍ୱାରା ସୃଷ୍ଟି ସମସ୍ୟା ସତ୍ତ୍ୱେ ଦୁଇ ଦେଶ ମଧ୍ୟରେ ଲୋକଙ୍କ ଯାତାୟତକୁ ସୁବିଧାଜନକ କରିଥିଲା।

**ନୂଆଦିଲ୍ଲୀ**

**ଫେବୃଆରୀ 16, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.